ସମୟ

# ପ୍ରଯୁକ୍ତିବିଦ୍ୟାର ପ୍ରୟୋଗଶାଳା ହେଉଛି ଆଇଆଇଟି : ରାଜ୍ୟପାଳ

## ଆଇଆଇଟି ଭୁବନେଶ୍ୱରର ଛାତ୍ରାବାସ ଓ ଚାରାରୋପଣ କାର୍ଯ୍ୟକ୍ରମ




ଭୁବନେଶ୍ୱର/ଜଟଣୀ,(ସବ୍ୟୁ) : ସମଗ୍ର ବିଶ୍ୱ ଆଜି ବିଦ୍ୟାର୍ଥୀଙ୍କ ଉପରେ ନିର୍ଭର କରୁଛି ବିଶେଷ କରି ବିଜ୍ଞାନ ଓ ପ୍ରଯୁକ୍ତବିଦ୍ୟାର ପ୍ରୟୋଗଶାଳା ଆଇଆଇଟିର ଛାତ୍ରଛାତ୍ରୀ । ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗଶାଳା ପାଇଁ ଉପଯୁକ୍ତ ପରିବେଶ ଓ ଉତ୍ତମ ବାତାବରଣର ଆବାସିକ ସ୍ଥଳ(ହଷ୍ଟେଲ)ର ମଧ୍ୟ ଆବଶ୍ୟକତା ରହିଥାଏ । ଭୁବନେଶ୍ୱର ଆଇଆଇଟି ଛାତ୍ରାବାସର ଉଦଘାଟନ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି । ସେ କହିଛନ୍ତି ଯେ ପ୍ରଯୁକ୍ତି ବିଦ୍ୟାକୁ ଧର୍ମଶାସ୍ତ୍ର ସହ ସଂଶ୍ଳିଷ୍ଟ କରିବାର ପ୍ରୟୋଜନ ମଧ୍ୟ ରହିଛି ଏବଂ ଭୌତିକ ବିଦ୍ୟା କୁ ଅତି ଭୌତିକ ବିଦ୍ୟା ସହିତ ସଂଯୋଗ କରଥାଏ । ଯାହା ବିଦ୍ୟାର୍ଥୀର ପଞ୍ଚେନ୍ଦ୍ରିୟ ମଧ୍ୟରୁ ୩ଟି ପ୍ରମୁଖ ଇନ୍ଦ୍ରିୟ ମନ ,ଧୀଶକ୍ତି ଓ ଅହଂକୁ ଅନ୍ତ ବିଜ୍ଞାନ ସହିତ ଯୋଡିବାର ଆବଶ୍ୟକତା ଅଛି । ସୋମବାର ଭୁବନେଶ୍ୱର ଆଇଆଇଟି ଜଟଣୀ ଅରୁଗୁଳ ସ୍ଥିତ ଅନୁଷ୍ଠାନର ସ୍ଥାୟୀ କ୍ୟାମ୍ପସ ପରିସରରେ ୨ଟି ଛାତ୍ରାବାସର ଉଦଘାଟନ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଆର.ଭି ରାଜାକୁମାର, ଡିନ୍ ପ୍ରଫେସର ଭି.ଆର ପେଡିରେଡି,ରେଜିଷ୍ଟ୍ରାର ଡଃ ସୁବୋଧ କୁମାର ଓାଡେନ ଶାନ୍ତନୁ ପାଲ, ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ରାଜା କୁମାର ସ୍ୱାଗତ ଭାଷଣ ଦେଇଥିଲେ । ବହୁ ଦିନର ଆବଶ୍ୟକତା ଓ ଛାତ୍ରଛାତ୍ରୀଙ୍କର ଆବଶ୍ୟକତା କୁ ପୂରଣ କରିବା ପାଇଁ ଆଇଆଇଟି କର୍ତ୍ତୃପକ୍ଷ ଆଇଆଇଟି ଅରୁଗୁଳ ସ୍ଥାୟୀକ୍ୟାମ୍ପସ ରେ ଛାତ୍ରଙ୍କ ପାଇଁ ବ୍ରହ୍ମପୁତ୍ର ଓ ଛାତ୍ରୀଙ୍କ ପାଇଁ ଗଙ୍ଗା ନାମରେ ଦୁଇଟି ଛାତ୍ରାବାସ ରାଜ୍ୟପାଳଙ୍କ କରକମଳରେ ଉଦଘାଟନ କରାଯାଇଥିଲା । ଗଙ୍ଗରେ ୪୦୦ ଶଯ୍ୟା ବିଶିଷ୍ଟ ଓ ବ୍ରହ୍ମପୁତ୍ରରେ ୮୦୦ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଉଦଘାଟନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଛାତ୍ରାବାସ ପରିସରରେ ଏକ ମେଗା ଚାରା ରୋପଣ କରାଯାଇଥିଲା । ଅନୁଷ୍ଠାନର ଡିନ୍ ପ୍ରଫେସର ପେଡିରେଡି ଧନ୍ୟବାଦ ଭାଷଣ ପ୍ରଦାନ କରିଥିଲେ ।